ସକାଳ THE SAKALA



# ଶୋଇଥିବା ସମୟରେ ଆକ୍ରମଣ; ଜଣେ ଆହତ

ବଳଙ୍ଗା,୨୬।୪(ସମିସ): ବଳଙ୍ଗା ଥାନା ଅଧୀନ ଡାଙ୍ଗୁରା ଗ୍ରାମରେ ଶନିବାର ରାତିରେ କୋଠଘର ବାରଣ୍ଡାରେ ଶୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନାମକ ଜନୈକ ହୃଦ୍‌ରୋଗୀଙ୍କୁ ସେହି ଗ୍ରାମର ବ୍ରହ୍ମାନନ୍ଦ ସାହୁ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ମନୋରମା ସ୍ୱାଇଁ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଭୀଷଣ ଗରମ ହେଉଥିବା ଯୋଗୁଁ ଶନିବାର ରାତି ୧୦ଟାରେ ପୂର୍ଣ୍ଣଚନ୍ଦ୍ର ଗାଁ ମୁଣ୍ଡରେ ଥିବା କୋଠଘରଠାରେ ଶୋଇବାକୁ ଯାଇଥିଲେ। ଶୋଇଥିବାବେଳେ ଗ୍ରାମର ବ୍ରହ୍ମାନନ୍ଦ ସାହୁ ସେଠାରେ ପହଞ୍ଚି ପୂର୍ଣ୍ଣଚନ୍ଦ୍ରଙ୍କ ପାଖରେ ଶୋଇଥିବା ପ୍ରକାଶ ସାହୁ ଓ କୃଷ୍ଣଚନ୍ଦ୍ର ମାରିକଙ୍କୁ ଗାଳିମନ୍ଦ କରିବାରୁ ସେମାନେ ସେଠାରୁ ଉଠି ପଳାଇ ଯାଇଥିଲେ। ଏହା ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଗାଳିଗୁଲଜ କରିବାରୁ ମୁଁ ଜଣେ ହୃଦ୍‌ରୋଗୀ ମୋତେ କାହିଁକି ବକୁଛୁ ବୋଲି ପଚାରିଥିଲେ। ଏ ନେଇ ବ୍ରହ୍ମାନନ୍ଦ ପାଖରେ ପଡ଼ିଥିବା ଏକ ବାଉଁଶ ଆଣି ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ଼ ମାରିଥିଲା।

ମାଡ଼ ଖବର ଶୁଣି ଘଟଣାସ୍ଥଳରେ ମନୋରମା ପହଞ୍ଚିବା ମାତ୍ରେ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲା। ସେଠାରେ ଗାଁର କିଛି ଲୋକ ପହଞ୍ଚିବା ପରେ ବ୍ରହ୍ମାନନ୍ଦ ତା' ପୁଅ ଟୁଲୁକୁ ଫୋନ୍ ଯୋଗେ ଡକାଇଥିଲା। ଟୁଲୁ ସେଠାରେ ପହଞ୍ଚି କିଛି ବୁଝାସୁଝା କରିବା ଦୂରର କଥା, ମନୋରମାଙ୍କୁ ଧମକ ଦେଇ କହିଲା ତୁ ଆସ ତୋର ମୋର ଦେଖାଦେଖି ହେବା ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ୧୨୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଜୁଆ ଅଡ୍ଡାରେ ଚଢ଼ଉ ବେଳେ ଧସ୍ତାଧସ୍ତି ଘଟଣା

# ଛୁଆଙ୍କୁ କୋଳରେ ଧରି ଥାନା ସମ୍ମୁଖରେ ମହିଳାଙ୍କ ପ୍ରତିବାଦ

ଡେଲାଙ୍ଗ,୨୬।୪(ସମିସ)



ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ମେଳଣ ଚାଲୁଥିବାବେଳେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱତନ୍ତ୍ର ପୁଲିସ ଦଳ ଜୁଆ ଅଡ୍ଡାରେ ଚଢ଼ଉ କରିଥିଲେ। ସାଦା ପୋଷାକରେ ଥିବାରୁ କେହି ଦାଦାବଟି ଆଦାୟ ପାଇଁ ଆସିଥିବା ଭାବି ଉପସ୍ଥିତ ଲୋକେ ପୁଲିସ ଦଳ ସହିତ ଯୁକ୍ତିତର୍କ ଓ ଧସ୍ତାଧସ୍ତି କରିଥିଲେ। ଏଥିରେ କିଛି ପୁଲିସ କର୍ମୀ ଆହତ ହୋଇଥିବାବେଳେ ଗ୍ରାମବାସୀ ସେମାନଙ୍କୁ କିଛି ସମୟ ଗୋଟିଏ କୋଠରୀରେ ଅଟକ ରଖିଥିଲେ। ପରବର୍ତ୍ତୀ ସମୟରେ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ପୁଲିସ କର୍ମୀଙ୍କୁ ଆକ୍ରମଣ ହୋଇଥିବାରୁ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଗାଁରେ ୧ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଶନିବାର ରାତିରେ ଗ୍ରାମର ୯ଜଣଙ୍କୁ ଉଠାଇ ଆଣି ପୁଲିସ ଅଟକ ରଖିଥିବାବେଳେ ରବିବାର ସକାଳୁ ଆଉ ୬ଜଣଙ୍କୁ ପୁଲିସ ଉଠାଇ ଆଣିଥିବା ଜଣାପଡ଼ିଛି। ତେବେ ଦୋଷୀଙ୍କୁ ଛାଡ଼ି

**ଦୋଷୀଙ୍କୁ ଛାଡ଼ି ନିରିହଙ୍କୁ ଉଠାଇ ନେଉଛି ପୁଲିସ**

ପୁଲିସ ନିରିହ ଲୋକଙ୍କୁ ଉଠାଇ ନେଉଥିବା ପ୍ରତିବାଦରେ ରବିବାର ସନ୍ଧ୍ୟାରେ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳା ଛୋଟ ଶିଶୁଙ୍କୁ କୋଳରେ ଧରି ଥାନାରୁ ଗ୍ରାମ ଅଭିମୁଖେ ଯାଉଥିବା ପୁଲିସ ବୋଝେଇ ବସ୍‌କୁ ଥାନା ସମ୍ମୁଖରେ ଅଟକାଇଥିଲେ। ପୁଲିସ କର୍ମୀଙ୍କୁ ଆକ୍ରମଣ କରିଥିବା ଦୋଷୀମାନେ ଗାଁ ଛାଡ଼ି ଫେରାର୍ ଥିବାବେଳେ ପୁଲିସ ଆକ୍ରୋଶ ମନୋଭାବ ରଖି ନିରିହ ଲୋକଙ୍କୁ ଉଠାଇ ନେଉଥିବା ଉପସ୍ଥିତ ମହିଳାମାନେ ଆରୋପ ଲଗାଇଛନ୍ତି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପହଞ୍ଚି ପ୍ରତିବାଦକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବାବେଳେ ସନ୍ଧ୍ୟାରେ ଥାନା ଭିତରେ ଓ ସମ୍ମୁଖରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ଖବର ଲେଖା ହେବା ବେଳକୁ ପୁଲିସ ଗାଡ଼ି ଅଟକି ରହିଥିବାବେଳେ ଆନ୍ଦୋଳନକାରୀମାନେ ଥାନା ସମ୍ମୁଖରେ ବସିଥିଲେ।

## ୩ରୁ ସୁସଂସ୍କୃତ ସମାଜ ଓ ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର

# ଭବିଷ୍ୟତ ପିଢ଼ିକୁ ସଂସ୍କାରବାନ ନାଗରିକ ଭାବେ ଗଢ଼ିବା ପାଇଁ ଆହ୍ୱାନ

ଅସ୍ତରଙ୍ଗ,୨୬।୪(ସମିସ): ସଂସ୍କାରବାନ ଶିଶୁଙ୍କୁ ନେଇ ସୁସଂସ୍କୃତ ସମାଜ ଓ ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୂଳ ଲକ୍ଷ୍ୟ ରହିଛି ଛାତ୍ରଛାତ୍ରୀଙ୍କ ମନରେ ଲୁକ୍କାୟିତ ଶକ୍ତିକୁ ଜାଗ୍ରତ କରିବା, ନୈତିକତାକୁ ସୁଦୃଢ଼ କରିବା, ଜୀବନକୁ ଉଦ୍ଦେଶ୍ୟମୟ କରିବା ଓ ଆମ ଭବିଷ୍ୟତ ପିଢ଼ିକୁ ସଂସ୍କାରବାନ ନାଗରିକ ଭାବେ ଗଢ଼ିବା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ବରପଦା ଗ୍ରାମରେ ଶ୍ରୀଶ୍ରୀଚୈତନ୍ୟଦେବ ଭାଗବତ ପ୍ରଚାର ସମିତି ତରଫରୁ ଏହି କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ବ୍ୟକ୍ତିତ୍ୱ ବିକାଶ ଶିବିରରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଏହି ଶିବିର ଚାଲିବ। ଶିବିରରେ ପ୍ରମୁଖ ବିଷୟବସ୍ତୁ ରହିଛି ଚରିତ୍ରଗଠନ ଓ



ମୂଲ୍ୟବୋଧ ଶିକ୍ଷା, ଯୋଗ, ଧ୍ୟାନ ଓ ଆୟ ନିୟନ୍ତ୍ରଣ ପ୍ରଶିକ୍ଷଣ, ନେତୃତ୍ୱ ବିକାଶ ଓ ବ୍ୟକ୍ତିତ୍ୱ ଗଠନ, ଗୁରୁ-ଶିଷ୍ୟ ପରମ୍ପରା ଓ ଭାରତୀୟ ସଂସ୍କୃତି ଚର୍ଚ୍ଚା, ଆଧ୍ୟାତ୍ମିକ ପ୍ରେରଣା ଓ ଜୀବନ ଦର୍ଶନ, ଶିଷ୍ଟାଚାର, ସେବା ଓ ରାଷ୍ଟ୍ରସେବାର ମନୋଭାବ ଜାଗରଣ। ଏହି ଶିବିରକୁ ଉଦ୍‌ଘାଟନ କରିବେ ପୁରୀ ଗଜପତି ମହାରାଜ ଶ୍ରୀଶ୍ରୀ ଦିବ୍ୟସିଂହଦେବ। ଯାହା ଏହି ପବିତ୍ର ପ୍ରୟାସକୁ ଏକ ଐତିହାସିକ ମର୍ଯ୍ୟାଦା ପ୍ରଦାନ କରିବ ବୋଲି ଅନୁଷ୍ଠାନର ଉପଦେଷ୍ଟା ଓ ସଂଯୋଜକ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ କରିଥିଲେ। ବର୍ତ୍ତମାନ ଆଧୁନିକତା ଭିତରେ ଯେପରି ସମାଜ କୁପଥଗାମୀ ହେଉଛି, ଏହା ଉପରେ ଆଧ୍ୟାତ୍ମିକ ସାମାଜିକ ପରିବର୍ତ୍ତନକୁ ଆଖି ଆଗରେ ରଖି ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଲୁକ୍କାୟିତ ଶକ୍ତିକୁ ଜାଗ୍ରତ କରିବା, ନୈତିକ ମୂଲ୍ୟବୋଧର ବିକାଶ, ଆଜିର ଶିଶୁ କିଶୋରଙ୍କୁ ଆସନ୍ତାକାଲିର ସ୍ୱତନ୍ତ୍ର ନାଗରିକ ଭାବେ ଗଢ଼ିବା, ଯିଏ ଆଧ୍ୟାତ୍ମିକ ସାମାଜିକ ମୂଲ୍ୟବୋଧର ସ୍ୱତନ୍ତ୍ର ଉଦାହରଣ ହୋଇପାରିବେ। ଏହି ଶିବିର ଆୟୋଜନ ପାଇଁ ରବିବାର ସନ୍ଧ୍ୟାରେ ଆଳସାହି ଐଶାନେଶ୍ୱର ବିଦ୍ୟାପୀଠ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୁଖ୍ୟ ଭାବେ ଅନୁଷ୍ଠାନର ଉପଦେଷ୍ଟା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ରହି ମନୁଷ୍ୟ ଗଢ଼ା ଯଜ୍ଞ ଓ ସଂସ୍କାର ଆନ୍ଦୋଳନ ପାଇଁ ଅଭିଯାନରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ଅନୁଷ୍ଠାନର ବରିଷ୍ଠ କର୍ମୀ ଯଥା- ନରେନ୍ଦ୍ର ସ୍ୱାଇଁ, ଜୟରାମ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ଭୋଳ, ଐଶାନେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ।

# ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

ପିପିଲି,୨୬।୪(ସମିସ): ଯଇଶପାଟଣା ଆରୁହାସ୍ଥିତ ଅକ୍ସଫୋର୍ଡ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଡ. ରାଜେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବିଇଓ ପୀତବାସ ସେଠୀ, ମୁଖ୍ୟବକ୍ତା ଭାବେ ଗୋବିନ୍ଦପୁର କ୍ଲଷ୍ଟରର ସିଆର୍‌ସିସି ସୁନିତା ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା ଯୋଗଦେଇଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଗଢ଼ି ତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତ ରଖିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡ. ସାହୁ ବିଦ୍ୟାଳୟ ଗଢ଼ିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ



ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ରାକେଶ କୁମାର ଜେନା ସଭା ପରିଚାଳନା କରିଥିବାବେଳେ, ଶିକ୍ଷୟିତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟ, ସୁଚିସ୍ମିତା ନାୟକ, ସିନ୍ଧୁସୂତା ପରିମାଣିକ, ସତ୍ୟଭାମା ଦାସ, ରାନୁ ଲେଙ୍କା, ଆକାଂକ୍ଷା ପ୍ରିୟଦର୍ଶିନୀ, ସୋନାଲି ପ୍ରଧାନ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ● କାକଟପୁର ସରକାରୀ ଡାକ୍ତରଖାନାରେ 'ଆଡ୍‌ଜଷ୍ଟମେଣ୍ଟ' ଚିକିତ୍ସା

# ୨ ଦିନ ଏଲୋପାଥି, ୫ ଦିନ ଆୟୁଷ; ଫର୍ମାସିଷ୍ଟ ବି ପାର୍ଟ ଟାଇମ୍ !

କାକଟପୁର,୨୬।୪(ସମିସ): କାକଟପୁର ସରକାରୀ ଡାକ୍ତରଖାନାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ନିୟମ ଅନୁଯାୟୀ ରୋଗୀଙ୍କୁ ସୁବିଧା ମିଳିବା ବଦଳରେ ଏଠାରେ ସବୁକିଛି 'ଆଡ୍‌ଜଷ୍ଟମେଣ୍ଟ'ରେ ଚାଲିଥିବା ଅଭିଯୋଗ ହୋଇଛି। ସପ୍ତାହର ୭ ଦିନରୁ ମାତ୍ର ୨ ଦିନ ଏଲୋପାଥି ଡାକ୍ତରଙ୍କ ଦେଖା ମିଳୁଥିବାବେଳେ ବାକି ୫ ଦିନ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ଏଲୋପାଥି ଚିକିତ୍ସା। ଡାକ୍ତରଖାନାରେ ଫର୍ମାସିଷ୍ଟଙ୍କ ନିଯୁକ୍ତି ମଧ୍ୟ ସ୍ଥାୟୀ ନୁହେଁ। ମାତ୍ର ୩ ଦିନିଆ ଫର୍ମାସିଷ୍ଟଙ୍କୁ ନେଇ ଚାଲିଛି ଔଷଧ ବିତରଣ। କାକଟପୁର ବ୍ଲକ୍‌ର ପ୍ରାୟ ୧୦ଟି ପଞ୍ଚାୟତ ଏବଂ ପଡ଼ୋଶୀ ଅସ୍ତରଙ୍ଗ ବ୍ଲକ୍‌ର କିଛି ଅଞ୍ଚଳର ହଜାର ହଜାର ଜନସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଡାକ୍ତରଖାନାର ପଶ୍ଚିମ ଓ ଦକ୍ଷିଣ ପଟ (କିଛି ଅଂଶ) ପାଚେରି ଖୋଲାମେଲା ଅବସ୍ଥାରେ ଅଛି। ଫଳରେ ଡାକ୍ତରଖାନା ପରିସର ଏବେ ଅସୁରକ୍ଷିତ ହୋଇପଡ଼ିଛି। ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଏଭଳି ଦୟନୀୟ ଅବସ୍ଥା ଯୋଗୁଁ ରୋଗୀମାନେ ଜରୁରୀକାଳୀନ ପରିସ୍ଥିତିରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସରକାର ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବଡ଼ ବଡ଼ ଯୋଜନା କରୁଥିବାବେଳେ, କାକଟପୁର ଭଳି ଏକ ପ୍ରମୁଖ ସ୍ଥାନରେ କାହିଁକି ଏଭଳି ଅବ୍ୟବସ୍ଥା? କେବଳ ୨ ଦିନର ଏଲୋପାଥି ଚିକିତ୍ସାରେ କେମିତି ସୁସ୍ଥ ରହିବେ ୧୦ଟି ପଞ୍ଚାୟତର ଲୋକ? ସ୍ଥାନୀୟ ଜନସାଧାରଣ ତୁରନ୍ତ ସ୍ଥାୟୀ ଡାକ୍ତର ଓ ପୂର୍ଣ୍ଣକାଳୀନ ଫର୍ମାସିଷ୍ଟ ନିଯୁକ୍ତି ସହ ଡାକ୍ତରଖାନାର ପାଚେରି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ● କୁଣ୍ଡିସରେ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

# କାହାଣୀ କାନ୍ଦୁଛି ଆଖି ଲୁଚାଇ ନାଟକ ମଞ୍ଚସ୍ଥ

ଗୋପ,୨୬।୪(ସମିସ): ଗୋପ ବ୍ଲକ୍ ଅଧୀନ ମହଲପଡ଼ା ପଞ୍ଚାୟତସ୍ଥିତ କୁଣ୍ଡିସ ଗ୍ରାମରେ ଗାଦିବ୍ରହ୍ମ ଡ୍ରାମାଟିକ୍ କ୍ଲବ୍ ଦ୍ୱାରା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।



ଡ୍ରାମାଟିକ୍ କ୍ଲବ୍ ସଭାପତି ବିଦ୍ୟାଧର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିମାପଡ଼ା ଟାଉନ୍ କ୍ଲବ୍ ତଥା ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଯୁବନେତା ମନଦୀପ ପାଇକରାୟ, ଶିବପ୍ରସାଦ ସ୍ୱାଇଁ, ମଣ୍ଡଳ ସଭାପତି ଦିଲ୍ଲୀପ ସ୍ୱାଇଁ, ଗଣେଶ ବିଶ୍ୱାଳଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ଦୁଇଟି ନାଟକ ଯଥା- ଗୁହାରି ଶୁଣ ଦୀନବନ୍ଧୁ, କାହାଣୀ କାନ୍ଦୁଛି ଆଖି ଲୁଚାଇ ନାଟକ ମଞ୍ଚସ୍ଥ ହୋଇଥିଲା। ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅମୟ ବିଶ୍ୱାଳ ପରିଚାଳନା କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଯାତ୍ରା

କଣାସ,୨୬।୪(ସମିସ): କଣାସ ବ୍ଲକ୍ କାଦୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଓରାଠାରେ ମହାବୀର ମନ୍ଦିର ପରିସରରେ ଦ୍ୱାଦଶ ବାର୍ଷିକ ମହାଯଜ୍ଞ ଆରମ୍ଭ ହୋଇଛି। ୧୦୮ ମହିଳା, ପୁରୁଷ କଳସ ଶୋଭାଯାତ୍ରାରେ ଯୋଗଦେଇ ଦୟାନଦୀରେ କଳସ ବୁଡ଼ାଇଥିଲେ। ପଟୁଆରରେ ସମସ୍ତ ବ୍ରତୀ ମନ୍ଦିର ନିକଟରେ ପହଞ୍ଚିବା ପରେ ଗୋ ପୂଜା, ସୂର୍ଯ୍ୟ ପୂଜା, ଯଜ୍ଞ ଆରମ୍ଭ ହୋଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଗ୍ରାମ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



# ଓଡ଼ିଆ ନବବର୍ଷ ଓଡ଼ିଆ ଲୋକଙ୍କ ଉତ୍ସବ ଭାବିବା ଉଚିତ୍

ପୁରୀ,୨୬।୪(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଉତ୍ତର ପିଢ଼ି ପାଇଁ ପଣ୍ଡିତ ବାସୁଦେବ ମହାପାତ୍ର ଥିଲେ ଜୀବନ ଉତ୍ତରଣର ଆଦର୍ଶ ସହ ଆଧ୍ୟାତ୍ମିକ ପଟ୍ଟଭୂମିର ମାର୍ଗଦର୍ଶକ। ଉତ୍କଳୀୟ ଓଡ଼ିଆ ନବବର୍ଷ ଆମ ଓଡ଼ିଆମାନଙ୍କ ପାଇଁ ଗର୍ବ ଓ ଗୌରବର ଉତ୍ସବ। ଆମ ଐତିହ୍ୟ ସଂସ୍କୃତି ଓ ପରମ୍ପରା ଆମକୁ ଋଦ୍ଧିମନ୍ତ କରିଛି। ସମସ୍ତେ ଏକତ୍ରିତ ହୋଇ ଆମ ଓଡ଼ିଆ ପର୍ବ ଓଡ଼ିଆ ନବବର୍ଷ ପରମ୍ପରା ଓ ସଂସ୍କୃତିକୁ ସମୃଦ୍ଧି କରିବା ପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ ଯେ, ଓଡ଼ିଆ ନବବର୍ଷ ଓଡ଼ିଆ ଲୋକଙ୍କ ଉତ୍ସବ ବୋଲି ଭାବିବା ଉଚିତ୍। ଏହାକୁ ଆମ ସଂସ୍କୃତି ପରମ୍ପରା ଓ ଐତିହ୍ୟ ସହିତ ସାମିଲ୍ କରିବା ଆମର କର୍ତ୍ତବ୍ୟ। ସ୍ମୃତି ସ୍ମାରକୀ ସଭାପତି ବିନୟ ନୃସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ଅଧିବକ୍ତା ରଚିତା ରାଉତରା, ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର, ଶିକ୍ଷାବିତ୍ ହରିହର ମହାପାତ୍ର, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଅଧିବକ୍ତା ସୁଦେଷ୍ଣା ପଣ୍ଡା, ତ୍ରିବିକ୍ରମ ମହାପାତ୍ର, ପ୍ରଫେସର ଶରତ ଚନ୍ଦ୍ର ସାହୁ, ସର୍ବାଣୀ ଦାସ, ବିପିନ ବିହାରୀ ଦଳେଇ, ସଞ୍ଜିତା ରଥ, କମଳିନୀ ପାଣିଗ୍ରାହୀ, ପ୍ରଭାସିନୀ ମିଶ୍ର, ଉମାକାନ୍ତ ମହାପାତ୍ର, ସୌମ୍ୟରଞ୍ଜନ ମଲ୍ଲିକ, ପୌର୍ଣ୍ଣମାସୀ ଦେବୀ, ସତ୍ୟଭାମା ନାୟକ, ପୂଜା ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିତ୍ ମୀନକେତନ ପଟ୍ଟଯୋଶୀଙ୍କ ଆଧ୍ୟାତ୍ମିକ ପୁସ୍ତକ ସୁଦଶାବ୍ରତ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ରାଜକିଶୋର ମହାନ୍ତି, ଦେବଦତ୍ତ ମହାପାତ୍ର, ତପନ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆମ୍ବ ଗଛରୁ ପଡ଼ି ଯୁବକ ମୃତ

ନିମାପଡ଼ା,୨୬।୪(ସମିସ): ଚାରିଛକ ନିକଟସ୍ଥ ମାଧବ ପ୍ରଧାନ ସାହି ଗ୍ରାମର ଜଣେ ଯୁବକ ରବିବାର ଚନ୍ଦ୍ରମଉଳି ନିକଟ ସଦାବାବାଜୀ ତୋଟାରେ ଆମ୍ବ ତୋଳୁଥିବାବେଳେ ଗଛରୁ ଖସି ପଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଗ୍ରାମର ସହଦେବ ବସ୍ତିଆଙ୍କ ପୁଅ ବିଭୂତି ବସ୍ତିଆ(୨୨)। ଖବରରୁ ପ୍ରକାଶ, ବିଭୂତି ରବିବାର ମଧ୍ୟାହ୍ନରେ ସଦାବାବାଜୀ ତୋଟାରେ ସାଙ୍ଗମାନଙ୍କ ସହ ଆମ୍ବ ଗଛରୁ ଆମ୍ବ ତୋଳୁଥିବା ସମୟରେ ଅସାବଧାନତା ହେତୁ ଗଛରୁ ଖସି ପଡ଼ିଥିଲେ। ତାଙ୍କୁ ତାଙ୍କ ସାଙ୍ଗ ଓ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତୁରନ୍ତ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଚେନ୍ନାଇରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବ୍ରହ୍ମଗିରି,୨୬।୪(ସମିସ): ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଚେନ୍ନାଇରେ ଏକ କମ୍ପାନୀରେ କାମ କରୁଥିବା ଜଣେ ଯୁବକଙ୍କର ଶନିବାର ରାତିରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ କୁଶୁବେଣ୍ଟି ଗ୍ରାମ ପଞ୍ଚାୟତର ଜଗଦଳ ଗ୍ରାମର ସହଦେବ ସାହୁଙ୍କ ପୁତ୍ର ସୁବାସ ସାହୁ (୨୦) ବୋଲି ଜଣାପଡ଼ିଛି। ସୁବାସ ୬ ମାସ ହେଲା ଜଣେ ଠିକାଦାର ସହିତ ଚେନ୍ନାଇ ଯାଇଥିଲେ। ସେଠାରେ ଏସ୍‌ଭି ଇଞ୍ଜିନିୟରିଂ ପ୍ରାଇଭେଟ୍ କମ୍ପାନୀରେ ଫ୍ରିଜିକେସନ ୱେଲ୍ଡର ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସନ୍ଧ୍ୟାରେ ପରିବାର ଲୋକେ ହଠାତ୍ ଖବର ପାଇଲେ ଯେ ତାଙ୍କ ପୁଅର ମୃତ୍ୟୁ ହୋଇଛି। ସୋସିଆଲ ମିଡିଆରେ ସୁବାସଙ୍କ ମୃତଦେହ ନିଆଁରେ ପୋଡ଼ି ଅର୍ଦ୍ଧଦଗ୍ଧ ହୋଇ ଘରେ ପଡ଼ିଥିବା ଫଟୋ ଘୂରି ବୁଲୁଛି। ପରିବାର ପକ୍ଷରୁ ଗ୍ରାମକୁ ଶବ ଫେରାଇ ଆଣିବାକୁ ପ୍ରଶାସନକୁ ନିବେଦନ କରିଛନ୍ତି।

# ଗୋପ ମୁଖ୍ୟ ବଜାରରୁ ଦୁଇଟି ଦୋକାନରୁ ଚୋରି

ଗୋପ,୨୬।୪(ସମିସ): ଗୋପ ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଦୁଇଟି ଦୋକାନରୁ ଶନିବାର ବିଳମ୍ବିତ ରାତିରେ ନଗଦ ଟଙ୍କା ସହ ବିଭିନ୍ନ ସାମଗ୍ରୀ



ଚୋରି ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପ ବଜାରରେ ଥିବା ପୁଲିସ୍ ଆଉଟ୍‌ପୋଷ୍ଟ ସମ୍ମୁଖରେ ଗୋଟିଏ ପାନ ମସଲା ଦୋକାନ ଓ ଏକ ସାର ଦୋକାନର ଆଜ୍‌ବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି ହୋଇଛି। ଗତ ୬ ମାସ ତଳେ ସମାନ ଭାବେ ଏହି ଦୁଇଟି ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଛି। ନିକଟରେ ଗୋପ ବଜାରରେ ଥିବା ଗଣେଶ ଚନ୍ଦ୍ର ସାହୁ ଓ ସୁଶାନ୍ତ ସାହୁଙ୍କ ଦୋକାନରୁ ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ତେବେ ନିକଟରେ ଗୋପ ବଜାରରେ ଉଚ୍ଚକ୍ଷମତା ସମ୍ପନ୍ନ ହାଇମାଷ୍ଟ ଲାଇଟ୍ ଲାଗିଥିଲେ ମଧ୍ୟ ଚୋରମାନେ ପୁଲିସ୍‌କୁ ଖୋଲା ଚାଲେଞ୍ଜ ଦେଇ ଚୋରି କରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ରାତ୍ରକାଳୀନ ପାଟ୍ରୋଲିଂ ଅଭାବ ଯୋଗୁଁ ଏଭଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହା ଉପରେ ପୁରୀ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୨୬।୪(ସମିସ)




ସ୍ଥାନୀୟ ପଞ୍ଚସଖା ପଡ଼ିଆରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ସାକ୍ଷୀଗୋପାଳର ଦୁଇ ଦିନିଆ ୪୯ତମ ନୃତ୍ୟ ଓ ସଙ୍ଗୀତ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ସତ୍ୟବାଦୀ ବିଧାୟକ ତଥା ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ସାକ୍ଷୀଗୋପାଳ ମନ୍ଦିର ଐତିହ୍ୟ ପ୍ରକଳ୍ପ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଏକ ଆଧୁନିକ ପ୍ରେକ୍ଷାଳୟ ନିର୍ମାଣ କରାଯିବାକୁ ଯୋଜନା ରହିଛି ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଉପସ୍ଥାପନ ପାଇଁ ମଣ୍ଡପ, ଲାଇଟ୍, ସାଉଣ୍ଡ, ଗ୍ରୀନ୍‌ରୁମ୍, ଶୌଚାଳୟ ସୁବିଧା ସହ ୨ହଜାର ଦର୍ଶକ ବିଶିଷ୍ଟ ଏହି ପ୍ରେକ୍ଷାଳୟରେ ସ୍ଥାନୀୟ ଅନୁଷ୍ଠାନ ଏବଂ ମନ୍ଦିରକୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀମାନଙ୍କୁ ସୁଯୋଗ ମିଳିବ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଦୋଳଗୋବିନ୍ଦ ରଥ, ସଙ୍ଗୀତ ଗୁରୁ ସୁକାନ୍ତ କୁଣ୍ଡୁ, ବାଦ୍ୟ ଗୁରୁ ଧନେଶ୍ୱର ସ୍ୱାଇଁ ଓ ସତ୍ୟବାଦୀ ମହୋତ୍ସବ କମିଟି ସମ୍ପାଦକ ତଥା ଜୟପୁର ପଞ୍ଚାୟତ ସମିତିସଭ୍ୟ ଦୀପକ ଶତପଥି ଯୋଗଦେଇ

## ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଏକ ଆଧୁନିକ ପ୍ରେକ୍ଷାଳୟ ନିର୍ମାଣ କରିବାକୁ ପ୍ରସ୍ତାବ

ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ମହାବିଦ୍ୟାଳୟ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର। ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ସରଞ୍ଜନା କ୍ରମେ ବାଦ୍ୟ ବାଣୀ ଟିମ୍‌ର କଳାକାରମାନଙ୍କ ବୃନ୍ଦ ମର୍ଦ୍ଦଳ ବାଦନ, ତାଳ ବାଦ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା। ଗୁରୁ ଅଶୋକ କୁମାର ସାହୁଙ୍କ ସହିତ ଛାତ୍ରଛାତ୍ରୀମାନେ ବୃନ୍ଦ ଓଡ଼ିଶୀ ସଙ୍ଗୀତ ଗାୟନ, ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଏବଂ ଚିରସ୍ରୋତା ଖୁଣ୍ଟିଆ ଓ ମୀରା ଦାଶଙ୍କ ସହ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ, ଲୋକନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ମୀନାକ୍ଷୀରାଣୀ ଜେନାଙ୍କ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଏକକ ଓଡ଼ିଶୀ ନୃତ୍ୟରେ ଦର୍ଶକମାନେ ବିଭୋର ହୋଇଥିଲେ। ଅନୁଷ୍ଠାନର ପୁରୁଣା ଫଟୋଚିତ୍ର ପ୍ରଦର୍ଶନ ଜରିଆରେ ଫଟୋ ଗ୍ୟାଲେରୀ ଦର୍ଶକମାନେ ବୁଲି ଦେଖିଥିଲେ। ଚିତ୍ରାଙ୍କନ ବିଭାଗର ଛାତ୍ରଛାତ୍ରୀମାନେ ଲାଇଭ୍ ପେଣ୍ଟିଂରେ ନିମଗ୍ନ ରହିଥିବା ଦେଖାଯାଇଥିଲା। ଅଞ୍ଜନ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ବ୍ରଜକିଶୋର ମହାପାତ୍ର ଓ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।



**ଗୋଚର ଜମି ଉପରେ ଲୋଲୁପ ଦୃଷ୍ଟି**

# ଅନୁମତି ନ ଥାଇ ୮ ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ

ନୟାଗଡ଼,୨୬।୪(ସମିସ):

ନୟାଗଡ଼ ବନାଞ୍ଚଳ ଅଧୀନରେ ଚାଲିଥିବା ଚାରାରୋପଣ କାର୍ଯ୍ୟରେ ନୀତିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବନ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ପାଇଁ ଜାଣିଶୁଣି



ଅନିୟମିତତା କରାଯାଉଛି। ନୟାଗଡ଼ ବନାଞ୍ଚଳ ନୟାଗଡ଼ ସେକ୍ସନ ଭାଟସାହି ବିଟ୍ ଅଧୀନରେ ଚାଲିଥିବା ଚାରାରୋପଣ କାର୍ଯ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି। ନୂଆପଲ୍ଲୀ ମୌଜାରେ ଥିବା ଗୋଚର ଜମିରେ ଚାରାରୋପଣ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ବନବିଭାଗ ସ୍ଥାନୀୟ ଆରଆଇଙ୍କ ବାରଣକୁ ହେୟଜ୍ଞାନ କରୁଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

କାମ ଆରମ୍ଭ ହେବା ଅବସ୍ଥାରେ ବନବିଭାଗ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଭାଉଚର କରି ସାରିଥିବା ବେଳେ କାମ କରାଯିବା ପଛରେ ସରକାରୀ ଅର୍ଥ ତୋଷାରପାତ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି। ନୂଆଗାଁ ତହସିଲ ଅନ୍ତର୍ଗତ ଦୁରୁଦରା ଆରଆଇ ଏହାକୁ ବାରଣ କରିବା ସହ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତଥାପି ବନବିଭାଗ ଜବରଦସ୍ତ ଚାରାରୋପଣ କରୁଥିବା ଅଭିଯୋଗ ହୋଇଛି। ନୂଆପଲ୍ଲୀ ମୌଜା ଖାତା ନଂ-୫୮ ପ୍ଲଟ ନଂ-୪୫୯ ରକ୍ଷିତ ଅନାବାଦି ଗୋଚର କସିମ ରହିଛି। ଏହି ପ୍ଲଟ ୩୨ ଏକର ୨୨ ଡିସିମିଲ ହୋଇଥିବା ବେଳେ ଏଠାରେ ବନବିଭାଗ ଚାରାରୋପଣ କରିବା ନେଇ ସ୍ଥାନୀୟ ଆରଆଇ ପତ୍ର ସଂଖ୍ୟା ୬୦ରେ ଗତ ୨୩ ତାରିଖ ନୂଆଗାଁ ତହସିଲଦାରଙ୍କୁ ଅବଗତ କରିଛନ୍ତି। ନୟାଗଡ଼ ବନବିଭାଗ ପକ୍ଷରୁ ଏ ନେଇ କୌଣସି ସଠିକ ତଥ୍ୟ ପ୍ରଦାନ କରାଯାଉ ନ ଥିବା ବେଳେ ଏହା ଅର୍ବାନ୍ ପ୍ଲାଣ୍ଟେସନ୍ ବୋଲି ନୟାଗଡ଼ ବନାଞ୍ଚଳ ଅଧିକାରୀ କହିଛନ୍ତି। କେଉଁଭଳି ଭାବେ ଗୋଚର ଜମିରେ ଚାରାରୋପଣ କରାଯାଉଛି, ସେ ନେଇ କୌଣସି ତଥ୍ୟ ପ୍ରଦାନ କରାଯାଇନାହିଁ। କେବଳ ଗ୍ରାମବାସୀ ରିଜୋଲ୍ୟୁସନ୍ କରି ଚାରାରୋପଣ କରିବାକୁ ପ୍ରସ୍ତାବ ଦେଇଥିବା ବନବିଭାଗ କହିଛି। ରକ୍ଷିତ ଅନାବଦି ଗୋଚର ଜମିରେ କୌଣସି ସରକାରୀ କାର୍ଯ୍ୟ ହେବା ନିୟମ ବିରୁଦ୍ଧ ହୋଇଥିବା ବେଳେ ବନବିଭାଗ ଏହାକୁ ମାଡ଼ିବସିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଉକ୍ତ ଜମିରେ ଗଛ ଲଗାଇବା ପାଇଁ ଗାତ

- ବନ କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ
- ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପାଇଁ ସଜବାଜ

ଖୋଳାଯିବା ସହ ଏହାର ସୁରକ୍ଷା ପାଇଁ ତାରବାଡ଼ ବୁଲାଯାଉଛି। ଏତିକି କାମ କରି ବନରକ୍ଷୀ ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଭାଉଚର କରିଥିବା ଜଣାପଡ଼ିଛି। ଉକ୍ତ ଚାରାରୋପଣ କାର୍ଯ୍ୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବାକୁ ଯୋଜନା ରହିଛି। ଗୋଚର ଜମିରେ କୌଣସି କାର୍ଯ୍ୟ କରାଗଲେ ସ୍ଥାନୀୟ ଆରଆଇ ଅଡୁଆରେ ପଡ଼ିବା ସମ୍ଭାବନା ରହିଛି। ତେବେ ଭାଟସାହି ବିଟ୍ ଦାୟିତ୍ୱରେ ଥିବା ବନରକ୍ଷୀ ସସ୍ମିତା ସେଠୀ କୌଣସି କଥାକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଜବରଦସ୍ତ ଉକ୍ତ ଗୋଚର ଜମିରେ ଚାରାରୋପଣ କରୁଥିବା ଦେଖାଯାଇଛି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି ହୋଇଛି।

## ଗୋଚର ଜମିରେ ଏନ୍ଏସି କୋଠା

ନୟାଗଡ଼,୨୬।୪(ସମିସ): ଗୋଚର ଜମିରେ ଓଡ଼ଗାଁ ଏନ୍ଏସି କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଏହାକୁ ନେଇ ଆରମ୍ଭ ହୋଇଛି ବିବାଦ। ଜାରିଙ୍ଗୀ ମୌଜା ୧୫ ନମ୍ବର ୱାର୍ଡରେ ଖାତା ନଂ-୨୮୪, ପ୍ଲଟ ନଂ-୬୪୬ରେ ନିର୍ମିତ ଏହି ନୂତନ କାର୍ଯ୍ୟାଳୟ ଗୋଚର ଜମିରେ ନିର୍ମାଣ ହୋଇଥିବା ଛାତ୍ରନେତା ଦିଲୀପ କୁମାର ବିଶୋଇ ଅଭିଯୋଗ କରିଛନ୍ତି। ନୂତନ ଏନ୍ଏସି ମୁଖ୍ୟାଳୟ ରାଜ୍ୟ ରାଜପଥ ସହ ସିଧାସଳଖ ସଂଯୁକ୍ତ ହୋଇ ନ ଥିବା ବେଳେ ସେଠାକୁ



ଯିବା ପାଇଁ ଉପଯୁକ୍ତ ସରକାରୀ ରାସ୍ତା ବ୍ୟବସ୍ଥା ମଧ୍ୟ ନାହିଁ। ୩ ଏକର ୭ ଡିସିମିଲ ଗୋଚର ଜମିରେ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ଚାରଣଭୂମି ସଙ୍କୁଚିତ ହେବାରୁ ଗାଈଗୋରୁ ରାସ୍ତା ଓ ବଜାର ଅଞ୍ଚଳରେ ଘୂରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଏବଂ ଓଡ଼ଗାଁ ମୁଖ୍ୟ ବଜାରରେ ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ଛାତ୍ରନେତା ବିଶୋଇ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୋଚର ଜମିରେ ସାଧାରଣ ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ। ଯଦି ଜନହିତରେ କୌଣସି ପ୍ରକଳ୍ପ ନିର୍ମାଣ କରାଯାଏ, ତେବେ ପ୍ରଥମେ ଜମିର କିସମ ପରିବର୍ତ୍ତନ କରିବା ସହ ସମ ପରିମାଣର ଅନ୍ୟ ସରକାରୀ ଜମିକୁ ଗୋଚର ଭୂମି ଭାବେ ଘୋଷଣା କରିବା ଆବଶ୍ୟକ। କିନ୍ତୁ ଏଠାରେ ସେହି ନିୟମ ଅନୁସରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେ ଆହୁରି ଦାବି କରିଛନ୍ତି ଯେ ନିର୍ମାଣ ସ୍ଥଳର ଜମିର କିସମ ଶୀଘ୍ର ପରିବର୍ତ୍ତନ କରାଯାଉ, ସମ ପରିମାଣର ଗୋଚର ଜମି ପୁନଃ ବ୍ୟବସ୍ଥା କରାଯାଉ ଏବଂ କୌଣସି ବ୍ୟକ୍ତିଗତ ଜମି ଏ ନେଇ ପ୍ରଭାବିତ ନ ହୋଇ ସିଧାସଳଖ ଭାବେ କାର୍ଯ୍ୟାଳୟରୁ ରାଜ୍ୟ ରାଜପଥକୁ ରାସ୍ତା ସଂଯୋଗ କରାଯାଉ। ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଦିଲୀପ ସୂଚନା ଦେଇଛନ୍ତି।

- ସିଏମ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବାଇଗୁଣିଆ ସମବାୟ ଉଚ୍ଚ ବିଦ୍ୟାଳୟ ବିଜୟୀ



ନୟାଗଡ଼,୨୬।୪(ସମିସ): ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ଖେଳ ବାଇଗୁଣିଆ ସମବାୟ ଉଚ୍ଚ ବିଦ୍ୟାଳୟ ଓ ବାଇଗୁଣିଆ ବାଳିକା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଇଗୁଣିଆ ଉଚ୍ଚ ବିଦ୍ୟାଳୟ ୨-୦ ଗୋଲରେ ବିଜୟୀ ହୋଇଛି। ଆଜିର ଖେଳରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ପ୍ରଯୋଜକ ପ୍ରଦୀପ୍ତ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମ୍ୟାଚ୍ କମିସନର ଭାବେ କମରୁଦ୍ଦିନ ଖାଁ ଦାୟିତ୍ୱ ତୁଲାଇଥିଲେ। ରେଫରି ପ୍ରତାପ ମୁଦୁଲି ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ବିଶ୍ୱାଳ, ସତ୍ୟବାନ ସାହୁ ଲାଇନ୍‌ରେ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ଜ୍ୟୋତିରଞ୍ଜନ କଳସ ଦାୟିତ୍ୱ ନିର୍ବାହ କରିଥିଲେ। ଫାଓ ଏବଂ ଜିଲ୍ଲା ଆଥଲେଟିକ ଆସୋସିଏସନ ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆରେ ଏହି ଆନ୍ତଃ କ୍ଲବ୍ ଏବଂ ଆନ୍ତଃ ଜିଲ୍ଲା ସିଏମ୍ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ସମ୍ପାଦକ ଅଶେଷ କୁମାର ଦାଶ, ଉପସଭାପତି ଭବାନୀଶଙ୍କର ଦାସ, କୋଷାଧ୍ୟକ୍ଷ ସାରଦା ପ୍ରାସାଦ ମହାପାତ୍ର, ନିଶିକାନ୍ତ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାରେ ଖେଳ ଚାଲିଛି।

## ଦେବଦୂତ ସେବା ପରିଷଦର ପଣା ବଣ୍ଟନ

ନୟାଗଡ଼,୨୬।୪(ସମିସ): ନୟାଗଡ଼ ଜିଲ୍ଲା ଚିକିତ୍ସାଳୟ ମୁଖ୍ୟ ଫାଟକଠାରେ ଦେବଦୂତ ସେବା ପରିଷଦ ତରଫରୁ ସ୍ୱେଚ୍ଛାସେବୀଙ୍କୁ ନେଇ ପଣା ବଣ୍ଟନ କରାଯାଇଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ପଣା ବଣ୍ଟନ କରାଯାଇଛି। ଦେବଦୂତ ସେବା ପରିଷଦ ମୁଖ୍ୟ ଉମାକାନ୍ତ ମହାପାତ୍ର, ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନଙ୍କ ସମେତ ଫାର୍ମାସିଷ୍ଟ ପ୍ରସିତ କୁମାର ପଟ୍ଟନାୟକ, ସମାଜସେବୀ ପବିତ୍ର କୁମାର ସାହୁ,



ଦୀପକ ଦଳବେହେରା, ସୁଧାଂଶୁ ଶେଖର ପଣ୍ଡା, ଅଖିଳ କୁମାର ନାୟକ, ସୌଭାଗ୍ୟ କୁମାର ରଥ ଓ ପରିଷଦ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ନୟାଗଡ଼ ଜଗନ୍ନାଥ ମନ୍ଦିର**

## ନୀତିକାନ୍ତି ବିଭ୍ରାଟକୁ ନେଇ ହୋହଲ୍ଲା

ନୟାଗଡ଼,୨୬।୪(ସମିସ): ନୟାଗଡ଼ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ବିଭ୍ରାଟକୁ ନେଇ ରବିବାର ହୋହଲ୍ଲା ହୋଇଛି। ଦେବୋତ୍ତର ବିଭାଗର ମନମୁଖି ନୀତି ପାଇଁ ଠାକୁରଙ୍କ ନୀତିକାନ୍ତି ଓ ପରମ୍ପରା ପାଳନ ସହ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଉଛି। ବଡ଼ପଣ୍ଡାଙ୍କ କୌଣସି କାର୍ଯ୍ୟ ପଡ଼ିଲେ ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ହୋହଲ୍ଲା କରିବା ଖବର ପାଇ ଦେବୋତ୍ତର ପରିଚାଳକ ତାପସ କୁମାର ପଟ୍ଟନାୟକ ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିଛନ୍ତି।



ନୟାଗଡ଼ ପୁରୁଣା ସହରରେ ଦୀର୍ଘ ବର୍ଷ ପୁରୁଣା ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନୀତିକାନ୍ତ ଓ ପୂଜା ପାର୍ବଣ ଦାୟିତ୍ୱ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଠାକୁରଙ୍କ ନୀତିକାନ୍ତିରେ ଅବହେଳା କରାଯାଇ ଦେବୋତ୍ତର ବିଭାଗ କର୍ମଚାରୀମାନେ କମିଶନ କାରବାରକୁ ଏଠାରେ ପ୍ରାଧାନ୍ୟ ଦେଉଛନ୍ତି। ଦୀର୍ଘଦିନ ହେବ ଏହି ସମସ୍ୟା ଲାଗି ରହିଛି। ଆଜି ବଡ଼ପଣ୍ଡା ଅନୁପସ୍ଥିତ ଥିବା ବେଳେ ମନ୍ଦିର ପରିଚାଳକ ଅନ୍ୟ କୌଣସି ସ୍ଥାନରୁ ପଣ୍ଡାଙ୍କୁ ଡକାଇ ପୂଜାନୀତି କରାଇଥିଲେ। ଯାହାକୁ ବିରୋଧ କରାଯାଇଥିବା ସୂଚନା ମିଳିଛି। ଠାକୁରଙ୍କୁ ଅବହେଳା କରି ଦେବୋତ୍ତର ବିଭାଗ ଏଠାରେ ଅବଢ଼ା ବ୍ୟବସ୍ଥାକୁ କମିଶନ କାରବାରରେ ପରିଣତ କରିଥିବା ଅଭିଯୋଗ ହେଉଛି। ପହଣ୍ଡି ସେବାୟତଙ୍କୁ ଅବଢ଼ା ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିବା ବେଳେ ଟଙ୍କାଟିଏ ବି ରାଜସ୍ୱ ଦେବୋତ୍ତର ବିଭାଗକୁ ଆସୁ ନ ଥିବା ଦେବୋତ୍ତର ବିଭାଗ ସ୍ୱୀକାର କରିଛି। ପ୍ରତ୍ୟେକ ଦିନ ଶହ ଶହ ପତ୍ର ଅବଢ଼ା ବିକ୍ରି ହେବା ସହ ଏଠାରୁ ପ୍ରସାଦ

### ଦୀର୍ଘଦିନ ଧରି ଅବଢ଼ା ନିଲାମ ହେଲାନି

ବିଭିନ୍ନ ସାମାଜିକ କାର୍ଯ୍ୟକୁ ପଠାଯାଉଛି। କିନ୍ତୁ ଦେବୋତ୍ତର ବିଭାଗ ଏହାକୁ ନିଲାମ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଦେବୋତ୍ତର ବିଭାଗ ଠାକୁରଙ୍କ ପ୍ରତି ସାଂଘାତିକ ଅବହେଳା କରୁଛି। ଦେବୋତ୍ତର ବିଭାଗ ପରିଚାଳକଙ୍କ ମନମୁଖି ନୀତି ପାଇଁ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦେବୋତ୍ତର ବିଭାଗ ପରିଚାଳକ ତାପସ କୁମାର ପଟ୍ଟନାୟକଙ୍କୁ ପଚାରିବାରେ କହିଲେ, ଆଜି ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ କରାଯାଇଛି। ଖୁବଶୀଘ୍ର ଅବଢ଼ା ନିଲାମ କରାଯିବ ବୋଲି ସେ କହିଛନ୍ତି।

## ଶ୍ରୀ ରଘୁନାଥଜୀଉଙ୍କୁ ଦର୍ଶନ କଲେ ଜିଲ୍ଲାପାଳ

ଓଡ଼ଗାଁ,୨୬।୪(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ରବିବାର ଶ୍ରୀ ରଘୁନାଥଜୀଉଙ୍କ ଦର୍ଶନ କରିଛନ୍ତି। ଓଡ଼ଗାଁ ସ୍ୱର୍ଣ୍ଣ କଳସ କ୍ଷେତ୍ର ଭାବେ ପରିଚିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଛନ୍ତି। ଜିଲ୍ଲାପାଳଙ୍କ ସହିତ ହସ୍ତଶିଳ୍ପ ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି ଏବଂ ଅନ୍ୟ ଅଧିକାରୀ ଶ୍ରୀଜୀଉଙ୍କ ଦର୍ଶକ କରିଥିଲେ। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ରଙ୍କ ସହ ଅଶୋକ ମହାପାତ୍ର ମନ୍ଦିର ଦର୍ଶନ କରାଇବା ସହ ପ୍ରଭୁଙ୍କ ନିକଟରେ ଫୁଲ ତୁଳସୀ ପ୍ରଦାନ କରିଥିଲେ। ସ୍ଥାନୀୟ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଉପସ୍ଥିତ ଥିଲେ।



## ଦୁର୍ବଳ ମୋବାଇଲ ନେଟୱାର୍କ, ଇଣ୍ଟରନେଟ ସେବା ବ୍ୟାହତ

ଖଣ୍ଡପଡ଼ା,୨୬।୪(ସମିସ): ଦୀର୍ଘ ମାସ ଧରି ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଦୁର୍ବଳ ମୋବାଇଲ ନେଟୱର୍କ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କୁ ପ୍ରଥମେ ମୋବାଇଲ ସେବା ପ୍ରଦାନ କରିଆସୁଥିବା ବିଏସଏନଏଲ ସଂସ୍ଥା ରୁଗ୍ଣ ଅବସ୍ଥାକୁ ଚାଲି ଆସିବା ପରେ ଅନ୍ୟ ଘରୋଇ କମ୍ପାନୀର ମୋବାଇଲ ନେଟୱର୍କ ଉପରେ ଅଞ୍ଚଳବାସୀ ପୂରା ନିର୍ଭର କରି ଚଳିଆସୁଛନ୍ତି। ମାତ୍ର ଏବେ ଉକ୍ତ ମୋବାଇଲ ନେଟୱର୍କ କମ୍ପାନୀଗୁଡ଼ିକ ପୂର୍ବ ପରି ଆଉ ସେବା ପ୍ରଦାନ ନ କରି ଅଞ୍ଚଳବାସୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଦୁର୍ବଳ ମୋବାଇଲ ନେଟୱର୍କ ଏବେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଆଜିର ଡିଜିଟାଲ ଯୁଗରେ ସମସ୍ତଙ୍କ ପାଇଁ ମୋବାଇଲ ଓ ଇଣ୍ଟରନେଟ ସେବା ଅପରିହାର୍ଯ୍ୟ ହୋଇଥିବା ବେଳେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଇଣ୍ଟରନେଟ ସେବା ଉପରେ ନିର୍ଭର କରୁଛି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉଦ୍ୟାନ ଓ କୃଷି ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଦୁର୍ବଳ ମୋବାଇଲ ନେଟୱର୍କ ଯୋଗୁଁ ସର୍ବଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପାଠ ପଢ଼ିବା ନିମନ୍ତେ ଛାତ୍ରଛାତ୍ରୀମାନେ ମଧ୍ୟ ମୋବାଇଲ ନେଟୱର୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ଏଭଳି ସ୍ଥିତିରେ ମୋବାଇଲ ନେଟୱର୍କରୁ ଅଞ୍ଚଳବାସୀ ବଞ୍ଚିତ ହେବା କ୍ଷୋଭର ବିଷୟ ପାଲଟିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଏସଏନଏଲ ସମେତ ଘରୋଇ ମୋବାଇଲ କମ୍ପାନୀଗୁଡ଼ିକ ବିଭିନ୍ନ ସ୍ଥାନରେ ଉଚ୍ଚଶକ୍ତି ସମ୍ପନ୍ନ ମୋବାଇଲ ଟାୱାର ସ୍ଥାପନ କରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଜିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**ଏପ୍ରିଲ ସରିବାକୁ ବସିଲାଣି**

## ପ୍ୟାକ୍ସକୁ ମିଳିଲାନି ରସିଦ୍ ବହି

ନୟାଗଡ଼,୨୬।୪(ସମିସ): ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନେତୃତ୍ୱରେ ରାଜ୍ୟର ପ୍ରମୁଖ ସମବାୟବିତ୍‌ମାନେ ବିଜେପିରେ ମିଶି ଏବେ ହଟହଟା ହେବାକୁ ଯାଉଛନ୍ତି। ସମବାୟ ବିଭାଗରେ ଅଚଳାବସ୍ଥା ଏବଂ ମନମାନି ପାଇଁ ରାଜ୍ୟର ପ୍ୟାକ୍ସଗୁଡ଼ିକ ଦେବାଳିଆ ପରିସ୍ଥିତି ଆଡ଼କୁ ଗତି କରୁଛି। ରାଜ୍ୟ ସମବାୟ ବ୍ୟାଙ୍କ ଏଯାଏଁ ଚଳିତ ଆର୍ଥିକ ବର୍ଷର ରସିଦ୍ ବହି ଛପାଇ ପାରି ନ ଥିବାରୁ ରବିରଣ ଲଗାଣ ହୋଇପାରୁନାହିଁ। ରାଜ୍ୟର ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ଅପେକ୍ଷା କରି ରହିଥିବା ବେଳେ ରାଜ୍ୟ ସମବାୟ ବ୍ୟାଙ୍କ ରସିଦ ବହି ନ ଦେବା ପଛରେ କ'ଣ ସ୍ୱାର୍ଥ ରହିଛି ବୋଲି ପ୍ରଶ୍ନ ଉଠିଛି। ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କକୁ ରସିଦ ବହି ଯୋଗାଣ କରାଯାଏ। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ଏହାକୁ ପ୍ରଥମ ସପ୍ତାହ ସୁଦ୍ଧା ବିଭିନ୍ନ ଶାଖା ଜରିଆରେ ପ୍ୟାକ୍ସକୁ ପଠାନ୍ତି। ସେହି ଅନୁସାରେ, ପ୍ୟାକ୍ସର ଆର୍ଥିକ କାରବାର ଆରମ୍ଭ ହୋଇଥାଏ। ରାଜ୍ୟ ସମବାୟ ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ରାଜ୍ୟର କୌଣସି କେନ୍ଦ୍ର ସମବାୟ ବ୍ୟାଙ୍କକୁ ରସିଦ୍ ବହି ପ୍ରଦାନ କରି ନ ଥିବାରୁ ସାଂଘାତିକ ସମସ୍ୟା ସୃଷ୍ଟି ହୋଇଛି। ପ୍ୟାକ୍ସଗୁଡ଼ିକ ଆର୍ଥିକ କାରବାର କରିପାରୁ ନ ଥିବା ବେଳେ ରବି ଋଣ ଲଗାଣ ମଧ୍ୟ ହୋଇପାରୁନାହିଁ। ଏପ୍ରିଲ ସରିବାକୁ ବସିଥିବା ବେଳେ କେବେ ପ୍ୟାକ୍ସ ନିକଟରେ ରସିଦ ବହି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି।

**ରବି ଋଣ ଲଗାଣ କେବେ?**

## ମରିଚିଆ ପ୍ରିମିୟର ଲିଗ୍; ଦି ଫିୟରଲେସ ଚାମ୍ପିଅନ

ଭାପୁର,୨୬।୪(ସମିସ): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ମରିଚିଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୪ ଦଳକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଦି ଫିୟରଲେସ ଦଳ ଓ ଦି ଗେମ୍ ଚେଞ୍ଜର ଦଳ ମଧ୍ୟରେ ଖେଳାଯାଇଥିଲା। ଦି ଫିୟରଲେସ୍ ଦଳ ୫୧ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ ଜିତି ଦି ଫିୟରଲେସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା।



ଜବାବରେ ଦି ଗେମଚେଞ୍ଜର ଦଳ ମାତ୍ର ୮୬ ରନରେ ସମସ୍ତ ୱିକେଟ ହରାଇଥିଲା। ବିଜୟୀ ଦଳର ହଣ୍ଟର ମ୍ୟାନ ଅଫ ଦି ଫାଇନାଲ ଓ ମଳୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜୟ ମାନସିଂହ ଓ କୁମର ମାନସିଂହ ଖେଳ ପରିଚାଳନା କରିଥିଲେ। ସିଦ୍ଧାନ୍ତ ପ୍ରଧାନ ଓ ଜନ୍ମେଜୟ ଦଳେଇ ଧାରାବିବରଣୀ ପ୍ରଦାନ କରିଥିଲେ। ଧୀରେନ ଜୟସିଂହ ସ୍କୋରସିଟ୍ ପରିଚାଳନା କରିଥିଲେ। ଅତିଥି ଭାବେ ଯୁବ ବିଜେପି ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝି, ରାକମା ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ଶିକ୍ଷକ ଲକ୍ଷ୍ମୀଧର ଖୁଣ୍ଟିଆ ଓ ରବୀନ୍ଦ୍ରନାଥ ମାନସିଂହ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ବଜାରରେ ମାଲ ମାଲ ନକଲି ଥଣ୍ଡା ପାନୀୟ

- ଯାଞ୍ଚ ହେଉନି ମାନ, ଖାଦ୍ୟ ସୁରକ୍ଷା ବିଭାଗ ନିରବଦ୍ରଷ୍ଟା

ଗଣିଆ,୨୬।୪(ସମିସ): ଖରାର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟ, ସୋଡ଼ା, ପାଣି ବୋତଲ ବଜାରରେ ବିକ୍ରି ହେଉଛି। ଲୋକେ ଶୋଷ ମେଣ୍ଟାଇବା ପାଇଁ ଏହାକୁ ବ୍ୟବହାର କରୁଥିବା ବେଳେ ବେନାମୀ କମ୍ପାନୀମାନେ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି। ଗଣିଆରେ ବିନା ଲାଇସେନ୍ସରେ ଏକାଧିକ ପାଣି ବୋତଲ, ପାଣି ପାଉଚ ସାଙ୍ଗକୁ ବିଭିନ୍ନ ନାମୀଦାମୀ କମ୍ପାନୀର ଲେବଲରେ ନକଲି ଥଣ୍ଡା ପାନୀୟ ଓ ସୋଡ଼ା ବେଆଇନ ଭାବେ ବିକ୍ରି ଚାଲିଛି। ବିନା ଲାଇସେନ୍ସ, ବିନା ଟେଷ୍ଟିଂରେ ନକଲି ଥଣ୍ଡା ପାନୀୟ ବିକ୍ରି କରାଯାଉଥିଲେ ମଧ୍ୟ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ନକଲି ଥଣ୍ଡା ପାନୀୟ ଜଳ ଯୋଗୁଁ ପେଟରୋଗ ଓ ଚର୍ମରୋଗ ହେଉଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି। ଏପରିକି ବଜାରରେ ମିଳୁଥିବା ଅନେକ ପାଣି ବୋତଲ ଓ ପାଉଚର ଉତ୍ପାଦନ ତାରିଖ ଓ ବ୍ୟବହାର କରିବାର ସେଷ ଅବଧି ସମ୍ପର୍କରେ ସୂଚନା ପ୍ରଦାନ କରାଯାଉନାହିଁ। ନକଲି ଜରି, ଖାଲି ବୋତଲ କ୍ରୟ କରି ଦୂଷିତ ଥଣ୍ଡା ପାନୀୟ ପୁରାଇ ବିଭିନ୍ନ ଥଣ୍ଡା ଫ୍ଲେଭର ମିଶାଇ କିଛି ଅସାଧୁ ବ୍ୟବସାୟୀ ବଜାରକୁ ଛାଡ଼ୁଛନ୍ତି। କମ୍ପାନୀର ଟ୍ରେଡ୍‌ମାର୍କ, ସାର୍ଟିଫିକେଟ, ଆଇଏସ୍‌ଆଇ ସାର୍ଟିଫିକେଟ, ଫୁଡ୍ ଲାଇସେନ୍ସ ଏକାଧିକ ସର୍ତ୍ତେ ସର୍ତ୍ତାବଳୀ ନିୟମ ରହିଛି। ତେବେ ଏସବୁ ସର୍ତ୍ତ ପୂରଣ ନ କରି ଗଣିଆରେ ବଡ଼ ବଡ଼ ଗୋଦାମରେ ଟ୍ରିପ ଟ୍ରିପ ନକଲି ଥଣ୍ଡା ପାନୀୟ ବିକ୍ରି କରାଯାଉଛି। ସେମାନେ ଏଭଳି ବେଆଇନ କାର୍ଯ୍ୟ କାହା ଛତ୍ରଛାୟା ତଳେ ରହି କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ନାମୀଦାମୀ କମ୍ପାନୀ ଅପେକ୍ଷା ବେନାମୀ ଥଣ୍ଡା ପାନୀୟରେ ଅଧିକ ଲାଭ ମିଳୁଥିବାରୁ ଅସାଧୁ ବ୍ୟବସାୟୀ ଲୋକଙ୍କୁ ଠକି ଚାଲିଛନ୍ତି। ପ୍ରଶାସନ ତୁରନ୍ତ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟବସାୟୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ବିଜୁ ଛାତ୍ର ଜନତା ଦଳର ପ୍ରଶିକ୍ଷଣ ଶିବିର**

# ସଂଗଠନ ମଜବୁତ କରିବାକୁ ଆହ୍ୱାନ

ନୟାଗଡ଼,୨୬।୪(ସମିସ):

ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ରବିବାର ବିଜୁ ଛାତ୍ର ଜନତା ଦଳର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ରାଜ୍ୟ ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂଗଠନ ମଜବୁତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ଏହାସହ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହେବାକୁ ଆହ୍ୱାନ ଦିଆଯାଇଥିଲା। ଛାତ୍ର ସଂଗଠନ ଯେତିକି ଶକ୍ତିଶାଳୀ ହେବ, ତାହା ଦଳ ପାଇଁ ବଡ଼ ବୋଲି ରାଜ୍ୟ ଯୁବ ସଭାପତି କହିଥିଲେ। ସେହିଭଳି କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରାଯିବା ସହ





ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇବାକୁ ରାଜ୍ୟ ଛାତ୍ର ସଭାପତି ଆହ୍ୱାନ ଦେଇଥିଲେ। ନୟାଗଡ଼ ବିଧାୟକ ଡ. ସାହୁ ଶାଳୀନତା ଭିତରେ ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିବା, ନବୀନଙ୍କ ଲୋକପ୍ରିୟତାକୁ ପ୍ରଚାରପ୍ରସାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଓଡ଼ଗାଁ ବ୍ଲକ ସଭାପତି ନିତ୍ୟାନନ୍ଦ ପ୍ରଧାନ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଜିଲ୍ଲା ବିଜେଡି ଯୁବ ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ସଭାପତି ଅମରେଶ୍ୱର ଜେନା, ନୀଳମାଧବ ପଣ୍ଡା, ଅମୂଲ୍ୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ନୟାଗଡ଼ ନିର୍ବାଚନ ମଣ୍ଡଳୀର ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରନେତା ଯୋଗଦେଇଥିଲେ।

